

ଟିପ୍ପଣୀ

# 35

# ଔଷଧ ଓ ଭେଷଜ

ମନୁଷ୍ୟର ଜୀବନକାଳ ଯେତେ, ପୀଡା ଓ ରୋଗ ସହ ମାନବଜାତିର ସମ୍ପର୍କ ପ୍ରାୟତଃ ସମାନ । ମନୁଷ୍ୟ ସର୍ବଦା ନିଜର ପୀଡା ଓ ଯନ୍ତ୍ରଣାର ଉପଶମ ପାଇଁ ପ୍ରତିକାର ଖୋଜିଚାଲିଛି । ଏହାର ପ୍ରଥମ ଚେଷ୍ଟାରେ ବିଭିନ୍ନ ଉଦ୍ଭିଦ ବ୍ୟବହାର କରାଯାଉଥିଲା । ଏହି ଜ୍ଞାନ ଅନୁଭବ ଉପରେ ପର୍ଯ୍ୟବେସିତ ଥିଲା ଓ ବଂଶାନୁକ୍ରମେ ଗଡି ଚାଲିଥିଲା । ଏହାମଧ ଆଜି ବ୍ୟବହାର ହେଉଛି ।

ପୀଡା ଓ ରୋଗ ଉପରେ ବିଜୟ ଲାଭ କରିବାର ଚେଷ୍ଟା ଚଳାଇ ଅନେକ ଗୁଡିଏ ସଂଶ୍ଲେଷିତ ରସାୟନ ଆବିଷ୍କାର କରାଯାଇଛି । ଔଷଧ ରୂପେ ବ୍ୟବହାର କରାଯାଉଥିବା ରାସାୟନିକକୁ ଫର୍ମାସ୍ୟୁଟିକାଲ୍ (ଔଷଧ) କୁହାଯାଏ । ଆଜି ଫର୍ମାସସ୍ୟୁଟିକାଲ ଶିଳ୍ପ ପୃଥିବୀର ସବୁଠୁ ବଡ ଶିଳ୍ପ ହୋଇ ଗଢି ଉଠିଛି ।

ଏହି ପାଠରେ ତୁମେ ଭେଷଜ ଓ ଔଷଧର କ୍ଷେତ୍ର ବିଷୟରେ ଅବଗତ ହେବ । ଏହି ଉପକ୍ରମରେ ତୁମେ ଭେଷଜ ଓ ଔଷଧ ମଧରେ ଥିବା ପ୍ରଭେଦ ଜାଣିବ । ତୁମେ ଔଷଧର ଶ୍ରେଣୀକରଣ, ଔଷଧ ଓ ଭେଷଜର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ ଜାଣିପାରିବ ।

## ଉଦ୍ଦେଶ୍ୟ :

ଏହି ଅଧାୟଟି ପାଠ କରିବାପରେ ତୁମେ :-

- ଭେଷଜ ଓ ଔଷଧର ସଂଜ୍ଞା ନିରୂପଣ କରିପାରିବ ;
- ଔଷଧ ଓ ଭେଷଜ ମଧରେ ପ୍ରଭେଦ ଦର୍ଶାଇ ପାରିବ ;
- ଔଷଧର କ୍ରିୟା (ବ୍ୟବହାର) ଉପରେ ଆଧାରିତ ଔଷଧର ଶ୍ରେଣୀକରଣ କରିପାରିବ ;
- ପୀଡାହାରୀ, ଜ୍ୱରନାଶୀ, ପୂତିରୋଧି, ରୋଗାଣୁନାଶକ, ପ୍ରତିଅମ୍ଳ, ପ୍ରତିମେଲେରିଆ, ନିଶ୍ଚେତକ, ପ୍ରତିଜୀବାଣୁକ (ସଲ୍‌ଫା ଭେଷଜ ଓ ପ୍ରତି ଜୈବିକ), ପ୍ରତିପ୍ରଜନନକ୍ଷମ ଭେଷଜ ଆଦିର ଉଦାହରଣ ଓ ସେମାନଙ୍କର ପ୍ରତିକ୍ରିୟା ବିଷୟରେ ଜାଣିପାରିବ ;
- ପୀଡାହାରୀ ଓ ଜ୍ୱରନାଶୀ ମଧରେ ପ୍ରଭେଦ ଜାଣିପାରିବ ;
- ପୂତିରୋଧୀ ଓ ରୋଗାଣୁନାଶକ ମଧରେ ପ୍ରଭେଦ ଜାଣିପାରିବ ;
- ଅଭ୍ୟାସରେ ପରିଣତ କରିବା ଓ ଅଭ୍ୟାସରେ ନ ପରିଣତ କରିବା ଭେଷଜ ବିଷୟରେ ବୁଝିପାରିବ ;
- ବିସ୍ତୃତ ପରିସର ଓ ସଂକୀର୍ଣ୍ଣ ପରିସର ପ୍ରତିଜୈବିକୀ ମଧରେ ପ୍ରଭେଦ ଦର୍ଶାଇ ପାରିବ ;
- ସ୍ଥାନୀୟ ଓ ସାଧାରଣ ନିଶ୍ଚେତକ ମଧରେ ପ୍ରଭେଦ ଦର୍ଶାଇ ପାରିବ ;
- ସ୍ୱ - ଔଷଧୀ କରଣର ବ୍ୟାଖ୍ୟା କରିପାରିବ ଓ ବିକଳ୍ପ ଔଷଧ ବ୍ୟବସ୍ଥାର ବ୍ୟାଖ୍ୟା କରିପାରିବ ।

## 35.1. ଔଷଧ ଓ ଭେଷଜ କ'ଣ ?

ଆମେ ଯେତେବେଳେ ରୋଗରେ ପଡୁ, ରୋଗରୁ ଭଲ ହେବା ପାଇଁ ଆମେ କିଛି ଟାବଲେଟ୍, ଗୁଳି ଖାଉ, ଇଞ୍ଜେକ୍‌ସନ୍ ନେଉ ବା ମଲମ ଲଗାଉ । ଏସବୁକୁ ସାମୁହିକ ଭାବରେ ଔଷଧ କୁହାଯାଏ ।







ବେଳେବେଳେ ଆମେ ଗଛର କିଛି ଅଂଶକୁ ବା ତୃଣ, ଖଣିଜ ଓ ପ୍ରାଣୀ ମାନଙ୍କଠାରୁ ପ୍ରସ୍ତୁତ ପଦାର୍ଥକୁ ବ୍ୟବହାର କରୁ । ରୋଗ ଚିକିତ୍ସା ବା ରୋଗ ପ୍ରତିରୋଧ ପାଇଁ ବ୍ୟବହୃତ ଏହି ସବୁ ପଦାର୍ଥକୁ ମଧ ଔଷଧ କୁହାଯାଏ । ଇପ୍‌ସିତ ପ୍ରଭାବ ପାଇଁ ଔଷଧରେ ଗୋଟିଏ ରସାୟନ ବା ଅନେକ ରସାୟନ ଭିନ୍ନ ମାତ୍ରାରେ ଥାଏ । ଔଷଧରେ ଥିବା ରାସାୟନିକ ପଦାର୍ଥ ମାନଙ୍କର କାର୍ଯ୍ୟବିଧି ସଂପୂର୍ଣ୍ଣ ଅଲଗା ଓ ଜଟିଳ ଅଟେ । ଅନେକ କ୍ଷେତ୍ରରେ କାର୍ଯ୍ୟବିଧି ସଂପୂର୍ଣ୍ଣ ଭାବରେ ଆମକୁ ଜଣାନାହିଁ, କିନ୍ତୁ ସେମାନଙ୍କର ଉପଯୋଗିତା ଯୋଗୁ ଆମେ ସେଗୁଡିକୁ ବ୍ୟବହାର କରୁ ।

ଆଦିମ ମଣିଷ କେତେକ ଉଦ୍ଭିଦ ଓ ଏହାର କିଛି ଅଂଶକୁ ରୋଗ ଭଲ କରିବା ପାଇଁ ବ୍ୟବହାର କରୁଥିଲା, କିନ୍ତୁ ସେ ଏହାର ରାସାୟନିକ ସଂଘଟନ ବିଷୟରେ କିଛି ଜାଣିନଥିଲ । ଉଦାହରଣ ସ୍ୱରୂପ ୱିଲୋଗଛର ବକଳା ପୀଡା ନିବାରଣ ପାଇଁ ପୀଡାହାରୀ (analgesic) ଭାବରେ ବ୍ୟବହୃତ ହେଉଥିଲା । ପରେ ଏହା ଜଣାପଡିଲା ଯେ ଏହି ଗଛର ବକଳାରେ 2 - ହାଇଡ୍ରୋକ୍ସି ବେନଜୋଇକ୍ ଏସିଡ୍ ଥାଏ ଯାହାର ଏସିଟିଲ୍ ସାଲିସିଲେଟ୍ (ଏସ୍ପିରିନ୍) ସହ ସମ୍ବନ୍ଧ ଅଛି । ସର୍ପଗନ୍ଧା (Rauwolfia serpentina) ଗଛର ଏକ ଅଂଶ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ଆୟୁର୍ବେଦୀୟ ଔଷଧ ଭାବରେ ବ୍ୟବହାର ହେଉଛି । ପରେ ଏହା ଆବିଷ୍କାର କରାଗଲା ଯେ ରିସର୍‌ପିନ୍ ନାମକ ଯୌଗିକ ଉଚ୍ଚଚାପ କମାଇବା ପାଇଁ ଦାୟୀ ଅଟେ । ତେଣୁ ରକ୍ତଚାପ ନିୟନ୍ତ୍ରଣ ପାଇଁ ରିସରପିନ୍ ପ୍ରଥମ ଆଧୁନିକ ଔଷଧ ଅଟେ ।

ଅନେକ କ୍ଷେତ୍ରରେ ପ୍ରକୃତି ମଧ ଆଧୁନିକ ଔଷଧର ଆବିଷ୍କାର କରିବା ପାଇଁ ସାହାଯ୍ୟ କରିଛି । ଦୁନିଆର ହଜାର ହଜାର ରସାୟନ ବିତ୍‌ମାନେ ଉନ୍ନତ, ପ୍ରଭାବଶାଳୀ, ଶସ୍ତା ଓ ନିରାପଦ ଔଷଧ ପାଇଁ ଅବିରତ ଭାବରେ ଚେଷ୍ଟା ଚଳାଇଛନ୍ତି ।

ପୂର୍ବରୁ କୁହାଯାଇଛି ଯେ ଔଷଧ ଓ ଭେଷଜର ସଂଜ୍ଞା ଏକ । କିନ୍ତୁ ସେମାନଙ୍କ ମଧରେ ତଫାତ୍ ଅଛି । ତେଣୁ ଆମେ ଔଷଧ ଓ ଭେଷଜ ମଧରେ ଥିବା ପାର୍ଥକ୍ୟ ବୁଝିବାକୁ ଚେଷ୍ଟାକରିବା । ବେଳେବେଳେ ଯେଉଁ ପ୍ରସ୍ତୁତ ପଦାର୍ଥର ସୂତ୍ରାୟଣ, ସେଥିରେ ଥିବା ରାସାୟନିକ ଉପାଦାନ ଓ ସେମାନଙ୍କର ପରିମାଣ ସଂପୂର୍ଣ୍ଣ ଭାବରେ ଜଣାନଥାଏ ତାହାକୁ ଭେଷଜ କୁହାଯାଏ । ଏହା କିଛି ବୃକ୍ଷ, ଗୁଳ୍ମ ଓ ପ୍ରାଣୀର ଅଂଶରୁ ନିଷ୍କାଷିତ ହୋଇଥାଏ ବା ଖଣିଜ ପଦାର୍ଥରୁ ମିଳିଥାଏ ।

ଯେଉଁ ପ୍ରସ୍ତୁତ ପଦାର୍ଥର ରାସାୟନିକ ସଂଗଠନ ଓ ସେଥିରେ ଥିବା ନାନାପ୍ରକାର ରାସାୟନିକ ଉପାଦାନର ପରିମାଣ ସଂପୂର୍ଣ୍ଣ ଭାବରେ ଜଣାଥାଏ, ତାହାକୁ ଔଷଧ କୁହାଯାଏ । ଔଷଧରେ ଥିବା ରାସାୟନିକ ଯୌଗିକର ପ୍ରଭାବ ଓ କୁପ୍ରଭାବ ମଧ ଭଲଭାବରେ ବହୁଳ ଭାବରେ ଅଧ୍ୟୟନ କରାଯାଇଛି । ଔଷଧ, ଉଚିତ୍ ସରକାରୀ ସଂସ୍ଥା ଯଥା "ଭାରତୀୟ ଔଷଧ ନିୟନ୍ତ୍ରକ" ଦ୍ୱାରା ଅନୁମୋଦିତ ହୋଇଥାଏ ।

ଭେଷଜ ପଦର ପ୍ରୟୋଗ କେତେକ ପଦାର୍ଥ ପାଇଁ ହୁଏ, ଯେଉଁ ଗୁଡିକ ଅଭ୍ୟାସରେ ପରିଣତକାରୀ ଓ ଦୁରୋପଯୋଗୀ ଅଟେ ଯଥା - କୋକେଇନ୍, ମରଫିନ୍, ହିରୋଇନ, ମାରିଜୁଆନା ପରି ସ୍ୱାପକ (ନାରକୋଟିକ୍) । ତୁମେ ସମ୍ବାଦପତ୍ର ପଢିଲେ ଅବୈଧ ଡ୍ରଗ ବ୍ୟବସାୟ, ଡ୍ରଗର ଚୋରା ଚାଲାଣ, ଡ୍ରଗ ମାଫିଆ ଓ ଡ୍ରଗ୍ ବିକ୍ରେତା ଇତ୍ୟାଦି ପଦ ପଢ, ଯେଉଁ ଗୁଡିକ ଅଭ୍ୟାସରେ ପରିଣତକାରୀ ପଦାର୍ଥର ଅବୈଧ ବ୍ୟବସାୟ ସମ୍ପର୍କୀୟ ଓ ସେହି ପଦାର୍ଥଗୁଡ଼ିକୁ ଡ୍ରଗସ୍ (ଭେଷଜ) କୁହାଯାଏ ।

**ପାଠଗତ ପ୍ରଶ୍ନ : 35.1**

1. ଔଷଧର ଗୋଟିଏ ସଂଜ୍ଞା ଦିଅ ।

_______________________________________

2. ଔଷଧରେ ବ୍ୟବହୃତ ଅନେକ ପଦାର୍ଥ ବିଷାକ୍ତ, ଏହି ଉକ୍ତିଟି ଠିକ୍ ନା ଭୁଲ୍ ?

_______________________________________

3. ଔଷଧ (ଫାର୍ମାସ୍ୱିଟିକାଲ) କ'ଣ ?

---

4. ସର୍ପଗନ୍ଧା ବୃକ୍ଷରେ ଥିବା ଯୌଗିକର ନାମ ଲେଖ ଯାହା ରକ୍ତଚାପକୁ କମାଏ ।

---

## 35.2. ଔଷଧର ଶ୍ରେଣୀକରଣ :

ତୁମେ କେତେକ ପୀଡା ନାଶ କରିବା ଔଷଧ, ଜ୍ୱର କମାଇବା ଓ ସର୍ଦ୍ଦି କମାଇବା ଔଷଧ ବିଷୟରେ ପରିଚିତ । ଔଷଧର ସଂଖ୍ୟା ଅଧିକ, ତେଣୁ ଔଷଧର ବ୍ୟବହାରକୁ ଆଧାର କରି ଔଷଧର ଶ୍ରେଣୀକରଣ କରାଯାଇଛି । ସାରଣୀ 35.1 ରେ କେତେକ ଗୁରୁତ୍ୱପୂର୍ଣ୍ଣ ଔଷଧର ତାଲିକା ଦିଆଯାଇଛି । ତେଣୁ ଆମେ ଏହି ଶ୍ରେଣୀକରଣର ଅର୍ଥ ବିସ୍ତୃତ ଭାବେ ବୁଝିବା ।

ସାରଣୀ 35.1 : ଔଷଧର କିଛି ମୁଖ୍ୟ ଶ୍ରେଣୀ ଓ ସେମାନଙ୍କର ପ୍ରଭାବ :

| କ୍ରମାଙ୍କ | ଶ୍ରେଣୀ (Group) | ପ୍ରଭାବ ବା ବ୍ୟବହାର |
|---|---|---|
| 1 | ଜ୍ୱରନାଶୀ (Antipyretics) | ଶରୀରର ତାପମାତ୍ରା କମ୍ କରେ |
| 2 | ପୀଡାନାଶୀ (Analgesics) | ପୀଡା କମକରେ |
| 3 | ପ୍ରତିମାଲେରିଆ (Antimalarial) | ମେଲେରିଆର ଉପଚାର ପାଇଁ |
| 4 | ରୋଗାଣୁ ମାରକ (Germicides) | ରୋଗାଣୁ ମାନଙ୍କୁ ମାରେ |
| 5 | ପୂତିରୋଧୀ (Antiseptic) | ରୋଗାଣୁ ମାନଙ୍କୁ ମାରେ (ଜୀବନ୍ତ ଟିସୁ ଉପରେ ସହଜରେ ବ୍ୟବହାର କରିହୁଏ । |
| 6 | ରୋଗାଣୁ ନାଶକ (Disinfectant) | ରୋଗାଣୁ ମାନଙ୍କୁ ମାରନ୍ତି (ଜୀବନ୍ତ ଟିସୁ ଉପରେ ବ୍ୟବହାର କରିହୁଏ ନାହିଁ) |
| 7 | ପ୍ରତିଅମ୍ଳ (Antacid) | ପେଟର ଅମ୍ଳତା କମ୍ କରେ |
| 8 | ନିଶ୍ଚେତକ (Anaesthetics) | ଚେତନା ଶୂନ୍ୟ କରାଏ |
| 9 | ପ୍ରତିଜୀବାଣୁକ (Antimicrobial) (ସଲ୍ଫାଡ୍ରଗ୍ସ ଓ ଆଣ୍ଟିବାଓଟିକ୍) | ଜୀବାଣୁମାନଙ୍କୁ ମାରନ୍ତି |
| 10 | ନିଦ୍ରାକାରୀ ଓ ସମ୍ମୋହକ (Tranquilzers and hypnotics) | ବ୍ୟଗ୍ରତା କମ କରାଏ ଓ ଶାନ୍ତଭାବ ଆଣେ |
| 11 | ଗର୍ଭନିରୋଧକ ଔଷଧ(Contraceptives) | ଗର୍ଭନିରୋଧ ପାଇଁ |

### 1. ଜ୍ୱରନାଶୀ (ଆଣ୍ଟି ପାଇରେଟିକ୍ସ) :-

ଯେଉଁ ପଦାର୍ଥ ଶରୀରର ତାପମାତ୍ରା କମ୍ କରାଏ ବା ଜ୍ୱରକୁ ନିୟନ୍ତ୍ରଣ କରେ ତାହାକୁ ଜ୍ୱରନାଶୀ କୁହାଯାଏ । ଆଣ୍ଟିପାଇରେଟିକ୍ ଶବ୍ଦର ଉତ୍ପତି "ପାଇରେ" ଯାହାର ଅର୍ଥ ନିଆଁ (ଅର୍ଥ ଗରମ) "ଆଣ୍ଟି" ଯାହାର ଅର୍ଥ ପ୍ରତିରୋଧି । ଏଣୁ ଆଣ୍ଟିପାଇରେଟିକ୍‌ର ଅର୍ଥ ଏହା ଉଚ୍ଚ ଶାରିରୀକ ତାପକୁ ପ୍ରତିରୋଧି କରୁଥିବା ଔଷଧ ।

ଏସ୍‌ପିରିନ୍, ପାରାସିଟାମଲ ଓ ଫିନାସେଟିନ ଗୁଡିକ ସାଧାରଣ ଭାବରେ ବ୍ୟବହୃତ ଜ୍ୱରନାଶୀ । ତୁମେ ବଜାରରୁ ସେଗୁଡ଼ିକ ବିଭିନ୍ନ ନାମରେ ଯଥା କ୍ରୋସିନ, ଆନାସିନ, ଡିସ୍ପ୍ରିନ୍ ଇତ୍ୟାଦି ଆକାରରେ ପାଇବ ।

ଏସ୍‌ପିରିନ ସବୁଠାରୁ ଲୋକପ୍ରିୟ ବ୍ୟବହୃତ ଜ୍ୱରନାଶୀ । ପେଟରେ ଏହାର ଜଳ ଅପଘଟନ ହେଲେ ସାଲିସିଲିକ ଅମ୍ଳ ନିର୍ଗତ ହୁଏ । । ଅତ୍ୟଧିକ ମାତ୍ରା ଓ ଦୀର୍ଘ ସମୟ ବ୍ୟବହାର କଲେ ଏହାର କୁ ପ୍ରଭାବ



ଟିପ୍ପଣୀ

ପଡେ । ଏହା ପେଟର ଭିତର ପଟେ ରକ୍ତସ୍ରାବ କରେ, ଓ ଅଲ୍‌ସର୍ (ନାଳୀ ଘା) ମଧ ସୃଷ୍ଟି କରେ । ତେଣୁ ଏହାର ଅଧିକ ମାତ୍ରାର ଓ ଦୀର୍ଘ ସମୟ ପ୍ରୟୋଗ ବନ୍ଦ କରିବା ଉଚିତ୍ । ଏସ୍ପିରିନ୍‌ର କାଲସିୟମ ଓ ସୋଡିୟମ ଲବଣ ଜଳରେ ଅଧିକ ଦ୍ରବଣୀୟ ଏବଂ ଏସ୍ପିରିନ ଠାରୁ କମ୍ ହାନିକାରକ ।



Aspirin



Paracetamol



Phenacetin

**2. ପୀଡାହାରୀ (ଆନାଲ୍‌ଜେସିକ୍) :-**

ଯେଉଁ ପଦାର୍ଥ ମାଂସପେଶୀ ବୃଦ୍ଧି ଜନିତ ବଥା, କ୍ଷତ, ଫୁଲା ବା ଅନ୍ୟ ଅନିୟମିତତା କାରଣ ଯୋଗୁଁ ହେଉଥିବା ବଥା କମାଏ, ତାହାକୁ ପୀଡାହାରୀ କୁହାଯାଏ । ପୀଡାହାରୀ ଦୁଇ ପ୍ରକାର - ସ୍ୱାପକ (ନାରକୋଟିକ୍‌ସ) ଓ ଅସ୍ୱାପକ (ନନ୍‌ନାରକୋଟିକ୍‌ସ) ।

ପିଡାହାରୀ ସ୍ୱାପକ ନିଦ ପ୍ରଭାବିତ କରି ଯନ୍ତ୍ରଣାର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ କରେ । ଅଫିମରେ ଥିବା ଆଲ୍‌କାଲଏଡ୍ - ଯଥା ମରଫିନ୍ ଓ କୋଡେଇନ ଇତ୍ୟାଦି ସାଧାରଣ ପ୍ରଚଳିତ ସ୍ୱାପକର ଉଦାହରଣ । ଏହାକୁ ଅଧିକ ମାତ୍ରାରେ ସେବନ କଲେ ଅଚେତ କରିଦିଏ । ସେଗୁଡିକ ଅଭ୍ୟାସକାରୀ ଓ ଆସକ୍ତ କରାଏ । ଆସକ୍ତି ଯୋଗୁ ଜଣେ ବ୍ୟକ୍ତି ଏହାକୁ ନିୟମିତ ଭାବରେ ଓ ଅଧିକ ମାତ୍ରାରେ ଗ୍ରହେଁ ଓ ଏହାକୁ ନପାଇଲେ ଅସ୍ୱସ୍ତି ଅନୁଭବ କରେ ଓ ଅପ୍ରକୃତିସ୍ଥ ହୁଏ । ଅସ୍ୱାପକ ପୀଡାହାରୀ ନିଦ ପ୍ରଭାବିତ କରନ୍ତି ନାହିଁ ବା ଅଭ୍ୟାସକାରୀ ନୁହଁନ୍ତି । ଏହି ପ୍ରକାର ପୀଡାହାରୀର ଉଦାହରଣ **ମର୍ଫିନ୍** ଅଟେ ।



Morphine

**3. ପ୍ରତିମେଲେରିଆ (ଆଣ୍ଟିମାଲେରିୟାଲ) :-**

ପ୍ରତିମେଲେରିଆ ଔଷଧ ମେଲେରିଆର ଉପଚାର ପାଇଁ ବ୍ୟବହୃତ ହୁଏ । କୁଇନାଇନ୍ ଓ କ୍ଲୋରୋକ୍ୱିନ ବହୁଳ ମାତ୍ରାରେ ବ୍ୟବହୃତ ପ୍ରତିମେଲେରିଆ ଔଷଧ । କୁଇନାଇନ୍ ସବୁଠାରୁ ପ୍ରଥମେ ମିଳୁଥିବା ଭେଷଜମାନଙ୍କ ମଧରୁ ଗୋଟିଏ । ଏହା ସିନ୍‌କୋନା ଗଛର ବକଳାରୁ ମିଳିଥିଲା ଓ ପରେ ଏହା ବିଜ୍ଞାନାଗାରରେ ସଂଶ୍ଲେଷିତ ହେଉଛି ।



Quinine



ଟିପ୍ପଣୀ

## ପାଠଗତ ପ୍ରଶ୍ନ 35.2

1. ଜ୍ୱରନାଶୀର ଉଦାହରଣ ଦିଅ ।

2. ସ୍ୱାପକ ପୀଡାହାରୀର ଏକ ଉଦାହରଣ ଦିଅ ।

3. ପୂତିରୋଧୀ ଓ ରୋଗାଣୁନାଶକ ମଧ୍ୟରେ କି ପ୍ରଭେଦ ଅଛି ?

4. ପ୍ରତିଅମ୍ଳ କ'ଣ ଅଟେ ? ପ୍ରତିଅମ୍ଳ ଭାବରେ ବ୍ୟବହାର ହେଉଥିବା ଦୁଇଟି ରାସାୟନିକର ନାମ ଲେଖ ।

5. ସ୍ଥାନୀୟ ଓ ସାଧାରଣ ନିଶ୍ଚେତକ ମଧ୍ୟରେ ପ୍ରଭେଦ କ'ଣ ?

6. ପ୍ରତିଜୈବିକର ସଂଜ୍ଞା ଦିଅ । ଗୋଟିଏ ପ୍ରତିଜୈବିକର ଉଦାହରଣ ଦିଅ ।

### 4. ରୋଗାଣୁ ମାରକ (Germicide), ରୋଗାଣୁ ନାଶକ (Disinfectant) ଓ ପୂତିରୋଧୀ (Antiseptic):-

ରୋଗାଣୁ ମାରକ ଏହି ପ୍ରକାର ରସାୟନ ଯିଏ ରୋଗାଣୁର ବୃଦ୍ଧିକୁ ପ୍ରତିରୋଧ କରେ । ରୋଗାଣୁ ମାରକକୁ ପୂତିରୋଧୀ ଓ ରୋଗାଣୁ ନାଶକ ଆକାରରେ ଶ୍ରେଣୀକରଣ କରାଯାଇଛି । ଉଭୟ ଜୀବାଣୁ ମାନଙ୍କୁ ମାରନ୍ତି, କିନ୍ତୁ ବ୍ୟବହାର ଉପରେ ସେମାନଙ୍କ ମଧ୍ୟରେ ପ୍ରଭେଦ ଅଛି ।

ପୂତିରୋଧୀ ଜୀବାଣୁ ମାନଙ୍କୁ ମାରନ୍ତି ଓ ଜୀବିତ ଜୀବମାନଙ୍କ ଠାରେ ପ୍ରୟୋଗ ହୋଇ ପାରନ୍ତି । ଏଗୁଡିକ ଘା, କ୍ଷତସ୍ଥାନ ବା ଫଟା ଚର୍ମ ଉପରେ ବ୍ୟବହାର କରାଯାଏ । ଏଗୁଡିକ ଘା'ଉପରେ ମଧ ପଟିପକା କାର୍ଯ୍ୟରେ ବ୍ୟବହୃତ ହୁଏ । ଉଦାହରଣ ସ୍ୱରୂପ, ଆୟୋଡୋଫର୍ମ ($CHI_3$), ଆୟୋଡିନ୍ ଟିଂଚର୍, ଇଥାଇଲ ଆଲକୋହଲ, 0.2 ପ୍ରତିଶତ ଫିନଲ ଦ୍ରବଣ ଓ ବୋରିକ ଅମ୍ଳ ($H_3BO_3$) ଗୁଡ଼ିକ ସାଧାରଣ ପୂତିରୋଧୀ ।

କିଛି ରଞ୍ଜକର ଜୀବାଣୁ ମାନଙ୍କୁ ମାରିବା କ୍ଷମତା ଅଛି । ପୂତିରୋଧି ଆକାରରେ ବ୍ୟବହାର କରାଯାଉଥିବା ସବୁଠାରୁ ପୁରୁଣା ଯୌଗିକ ମାନଙ୍କ ମଧ୍ୟରେ ଏହି ରଞ୍ଜକମାନେ ଅନ୍ତର୍ଭୁକ୍ତ । ଉଦାହରଣ ସ୍ୱରୂପ - ଏକ୍ରିଫ୍ଲାଭିନ୍ (ହଳଦିଆ ରଙ୍ଗର ରଞ୍ଜକ), ମରକୁରୋକ୍ରୋମ୍ (ଏକ ଲାଲ ରଙ୍ଗର ରଞ୍ଜକ), ମେଥିଲିନ ବ୍ଲୁ (ନୀଳ ରଙ୍ଗର ରଞ୍ଜକ) ।

ଏହି ରଞ୍ଜକ ଗୁଡିକ ଆଜି ମଧ ପ୍ରତିରୋଧୀ ଆକାରରେ ବ୍ୟବହୃତ ହେଉଛନ୍ତି । ଆୟୋଡ଼ିନ୍ ଏକ ଶକ୍ତିଶାଳୀ ପୂତିରୋଧୀ । ଏହାକୁ ଟିଙ୍କଚର୍ ଆୟୋଡିନ୍ ଆକାରରେ ବ୍ୟବହାର କରାଯାଏ । ଏହା ଆୟୋଡିନ୍‌ର ଇଥାଇଲ୍‌ଆଲକୋହଲ୍‌ରେ ଦ୍ରବୀଭୂତ 2-3% ଦ୍ରବଣ । ଆୟୋଡିନ୍ ଏକ ହଳଦୀଆ ରଙ୍ଗର କଠିନ ଦ୍ରବ୍ୟ, ଯାହାକୁ ପୂତିରୋଧୀ ଆକାରରେ ବ୍ୟବହାର କରାଯାଏ ।

ରୋଗାଣୁ ନାଶକ ଜୀବାଣୁ ମାନଙ୍କୁ ନଷ୍ଟ କରିଦିଅନ୍ତି କିନ୍ତୁ ଏମାନେ ଅଜୈବିକ ପଦାର୍ଥ ଉପରେ ପ୍ରୟୋଗ କରାଯାଆନ୍ତି । ଯଥା - ଶଲ୍ୟ ଚିକିତ୍ସା ଯନ୍ତ୍ରପାତି, ଚଟାଣ, ଗାଧୁଆ ଘର, ଶୌଚାଳୟ ଇତ୍ୟାଦି । ରୋଗାଣୁ ନାଶକ ଗୁଡିକ କଟୁ ଓ ଜୀବନ୍ତ ଜୀବମାନଙ୍କ ଉପରେ ବ୍ୟବହାର କରିବା ନିରାପଦ ନୁହେଁ, କାରଣ ରୋଗାଣୁ ନାଶକ ଜୀବନ୍ତ ପେଶିକୁ ନଷ୍ଟ କରିଦିଏ ।

କ୍ଲୋରିନ୍ ଏକ ଶକ୍ତିଶାଳୀ ଜାରକ । ଜଳକୁ ବିଶୋଧନ କରିବା ପାଇଁ ଏହା ବ୍ୟବହୃତ ହୁଏ । ଜଳରେ ଥିବା ଜୀବାଣୁମାନଙ୍କୁ ମାରିବା ପାଇଁ କ୍ଲୋରିନ୍‌ର 0.2 ରୁ 0.4 ppm (ପାର୍ଟସ୍ ପର ମିଲିଅନ୍) ସାନ୍ଦ୍ରତା ଯଥେଷ୍ଟ ।



ଟିପ୍ପଣୀ

ନିମ୍ନ ସାନ୍ଦ୍ରତାର ସଲଫର ଡାଇଅକ୍ସାଇଡ୍ ଜାମ୍, ଜେଲି ଓ ସ୍କ୍ୱାସ୍‌ରେ ଜୀବାଣୁ ମାନଙ୍କୁ ମାରିବା ପାଇଁ ବ୍ୟବହାର କରାଯାଏ । ତେଣୁ ଏହା ଖାଦ୍ୟ ସଂରକ୍ଷକ ଭଳି କାମ କରେ । ସଲଫର ଡାଇଅକ୍ସାଇଡ୍ କୋଠରୀ, ଅପରେସନ୍ ଥିଏଟର ଆଦିରେ ଧୂଆଁଦେବା ପାଇଁ ବ୍ୟବହାର କରାଯାଏ । ଏହା ଜୀବାଣୁ ମାନଙ୍କୁ ମାରିଦିଏ । ବ୍ଲିଚିଂପାଉଡର ($CaOCl_2$), କ୍ଲୋରିନ୍ ($Cl_2$), ମରକୁରିକ୍ କ୍ଲୋରାଇଡ୍ ($HgCl_2$), ସୋଡିୟମ୍ ହାଇପୋକ୍ଲୋରାଇଟ୍ (NaOCl), ସଲଫର ଡାଇଅକ୍ସାଇଡ୍ ($SO_2$) ଇତ୍ୟାଦି ରୋଗାଣୁ ନାଶକର ଅନ୍ୟାନ୍ୟ ଉଦାହରଣ ।

**ଫିନଲ୍ ପୂତିରୋଧୀ ନା ରୋଗାଣୁ ନାଶକ ?**

ଏହା ଜାଣିବା ଉଚିତ୍ ଯେ 0.2% ଜଳୀୟ ଫିନଲ୍ ଦ୍ରବଣକୁ ପୂତିରୋଧି ଆକାରରେ ବ୍ୟବହାର କରାଯାଏ । କମ୍ ସାନ୍ଦ୍ରତାରେ (2% ରୁ କମ୍) ଏହାର ବ୍ୟବହାର ଜୀବନ୍ତ ଜୀବ ମାନଙ୍କ ଉପରେ ନିରାପଦ । ଯଦି ଫିନଲର ସାନ୍ଦ୍ରତା ଅଧିକ ହେବ ଏହା ପେଶୀକୁ ନଷ୍ଟ କରିଦେବ । ତେଣୁ ଅଧିକ ସାନ୍ଦ୍ରତାରେ (1% ବା ଅଧିକ) ଫିନଲକୁ ରୋଗାଣୁ ନାଶକ ଆକାରରେ ବ୍ୟବହାର କରାଯାଏ ।




Phenol   Chloro-xylenol




*o*-Cresol   *m*-Cresol   *p*-Cresol

ଅନେକ ପୂତିରୋଧୀ ଓ ରୋଗାଣୁ ନାଶକ ଶକ୍ତିଶାଳୀ ବିଷ ଅଟନ୍ତି । (ସାରଣୀ 35.2) । ଏମାନେ ଜୀବାଣୁର ବିପାକରେ (metabolism) ବାଧା ଘଟାଇ ସେମାନଙ୍କୁ ମାରିଦିଅନ୍ତି । କେତେକ ମଧ ନିଜର ଶକ୍ତିଶାଳୀ ଜାରଣ ଓ ବିଜାରଣ ପ୍ରକୃତି ଯୋଗୁ ଜୀବାଣୁ ନଷ୍ଟ କରିଦିଅନ୍ତି ।

ସାରଣୀ 35.2 କିଛି ମହତ୍ୱପୂର୍ଣ୍ଣ ପୂତିରୋଧି ଓ ରୋଗାଣୁ ନାଶକର ପ୍ରକୃତି ।

| ବିଷ | ଜାରକ | ବିଜାରକ |
|---|---|---|
| ରଞ୍ଜକ | | |
| ଏକ୍ରି ଫ୍ଲାଭିନ୍ (ହଳଦିଆ ରଂଜକ) | ବ୍ଲିଚିଂ ପାଉଡର | ସଲ୍‌ଫରଡାଇଅକ୍ସାଇଡ୍ |
| ଜେନ୍‌ସନ୍ ଭାଇଓଲେଟ୍ | କ୍ଲୋରିନ୍ | |
| ମର୍‌କୁରୋକ୍ରୋମ୍ | ହାଇଡ୍ରୋଜେନପେରୋକ୍ସାଇଡ୍ | |
| ମେଥିଲିନ୍ ବ୍ଲୁ | | ଆୟୋଡିନ୍ |
| ଫିନଲ ଗୁଡିକ | ଟିଙ୍କଚର୍ ଆୟୋଡ଼ିନ | |
| ↓ | ଆୟୋଡ଼ ଫର୍ମ | |
| ଫିନଲ | ପୋଟାସିୟମ ପରମାଙ୍ଗାନେଟ୍ | |
| କ୍ରେସଲ | | |

ରସର୍ସିନଲ — ସୋଡିୟମ ହାଇପୋକ୍ଲୋରାଇଟ୍
କ୍ଲୋରୋଜାଇଲେନଲ୍

<u>ଅନ୍ୟାନ୍ୟ</u>

ଫରମାଲ ଡିହାଇଡ୍
ବୋରିକ୍ ଅମ୍ଳ
ମର୍କୁରିକ କ୍ଲୋରାଇଡ୍
ସିଲଭର ନାଇଟ୍ରେଟ୍

**5. ପ୍ରତିଅମ୍ଳ (ଆଣ୍ଟାସିଡ୍) :-**

ପ୍ରତିଅମ୍ଳ ଏପରି ଏକ ଔଷଧ, ଯାହା ପେଟରେ ଥିବା ଅଧିକ ଅମ୍ଳକୁ ନଷ୍ଟକରେ । ପାକସ୍ଥଳୀ ରସରେ ହାଇଡ୍ରୋକ୍ଲୋରିକ ଅମ୍ଳ (HCl) ଥାଏ । ଏହିଅମ୍ଳ ଖାଦ୍ୟ ପଦାର୍ଥର ହଜମରେ ସହାୟକ ହୁଏ । ବେମାରୀ, ଚିନ୍ତା ବା ଅନ୍ୟ କିଛି କାରଣରୁ ପାକସ୍ଥଳୀରେ ଅମ୍ଳ ତିଆରି ହୁଏ । ତେଣୁ ପାକସ୍ଥଳୀ ରସ ଆବଶ୍ୟକତା ଠାରୁ ଅଧିକ ଅମ୍ଳଯୁକ୍ତ ହୋଇଯାଏ । ଏହା ହଜମରେ ସମସ୍ୟା ସୃଷ୍ଟିକରେ । ପେଟର ଭିତର ଭାଗରେ ରକ୍ତକ୍ଷରଣ ହୁଏ ଓ ଅନ୍ତନଳୀରେ ଘା' ମଧ ହୋଇଯାଏ । ଏହି ଅଧିକ ଅମ୍ଳକୁ ନଷ୍ଟ କରିବା ପାଇଁ ଓ ପାକସ୍ଥଳୀ ରସର pH ଠିକ୍ ରଖିବା ପାଇଁ କିଛି ଔଷଧ ବ୍ୟବହାର କରାଯାଏ ।

ଉଦାହରଣ ସ୍ୱରୂପ, ସୋଡିୟମ୍ ବାଇକାର୍ବୋନେଟ ବା ମ୍ୟାଗ୍ନେସିୟମ୍ ହାଇଡ୍ରୋକ୍ସାଇଡ୍ର ସସ୍ପେନ୍ସନ୍ ପାକସ୍ଥଳୀର ଅଧିକ ଅମ୍ଳକୁ ନଷ୍ଟ କରିବା ପାଇଁ ବ୍ୟବହାର କରାଯାଏ । "ମିଲ୍କ ଅଫ୍ ମ୍ୟାଗ୍ନେସିଆ" ରେ ମ୍ୟାଗ୍ନେସିୟମ୍ ହାଇଡ୍ରୋକ୍ସାଇଡ ଥାଏ । "ଏନୋ ଫଳ ଲବଣ" ରେ ସୋଡିୟମ୍ ବାଇକାର୍ବୋନେଟ୍ ଥାଏ ଯାହା ପାକସ୍ଥଳୀ ରସର ଅମ୍ଳତ୍ୱକୁ ନଷ୍ଟ କରେ । ଡାଇଜିନ୍, ଜେଲୁସିଲ ନାମକ ମ୍ୟାଗ୍ନେସିୟମ ହାଇଡ୍ରୋକ୍ସାଇଡ୍ ଥିବା ଔଷଧକୁ ପ୍ରତିଅମ୍ଳ ଆକାରରେ ବ୍ୟବହାର କରାଯାଏ ।

**6. ନିଶ୍ଚେତକ (Anaesthetics) :-**

ନିଶ୍ଚେତକ ଏହି ପଦାର୍ଥ ଅଟେ ଯାହା ଏକ ଛୋଟ ଅଞ୍ଚଳକୁ (ସ୍ଥାନୀକ) ଚେତନା ଶୂନ୍ୟ କରେ ବା ସଂପୂର୍ଣ୍ଣ ଶରୀରକୁ ଅଚେତ କରିବାରେ ସହାୟକ କରେ । ନିଷ୍ଚେତକ ଦୁଇପ୍ରକାରର ଯଥା ସ୍ଥାନିକ ଓ ସାଧାରଣ ।

**ସ୍ଥାନୀକ ନିଶ୍ଚେତକ :-**

ଏହା ଛୋଟ ଅଞ୍ଚଳକୁ କାଲୁଆ କରେ ବା ଚେତନା ଶୂନ୍ୟ କରେ । କୋକେଇନ୍, ପ୍ରୋକେନ୍ ଓ ଜାଇଲୋକେନ୍ ଇତ୍ୟାଦି ସ୍ଥାନୀୟ ନିଶ୍ଚେତକ ଆକାରରେ ବ୍ୟବହୃତ ହୁଅନ୍ତି । ଏଗୁଡିକ ଛୋଟ ଅପରେସନ ପାଇଁ ଲାଭଦାୟକ ଅଟେ ।




**Procaine**

**ସାଧାରଣ ନିଶ୍ଚେତକ :-**

ଏହା ଅଚେତନ ଅବସ୍ଥା ସୃଷ୍ଟି କରେ ଓ ସଂପୂର୍ଣ୍ଣ ଶରୀରରେ ଯନ୍ତ୍ରଣାର ଚେତନାକୁ କମ୍ କରେ । ସାଧାରଣ ନିଷ୍ଚେତକକୁ ବଡ ଶଲ୍ୟ ଚିକିତ୍ସା ଅପରେସନରେ ବ୍ୟବହାର କରାଯାଏ । ନାଇଟ୍ରସ୍ ଅକ୍ସାଇଡ୍ ଗ୍ୟାସ (ଲାଫିଂଗ୍ ଗ୍ୟାସ ଆକାରରେ ଏହା ମଧ ନାମିତ) ଏକ ସାଧାରଣ ନିଶ୍ଚେତକ । କିଛି କମ୍ ସ୍ଫୁଟନାଙ୍କ ଇଥର ଯଥା ଡାଇଇଥାଇଲ୍ ଇଥର, ଡାଇଭିନାଇଲ୍ ଇଥରକୁ ରୋଗୀର ଶ୍ୱାସ ଗ୍ରହଣ ମାଧମରେ ଦିଆଯାଏ । ଶ୍ୱାସ ପ୍ରକ୍ରିୟାରେ ଟାଣିନେବା ପରେ, ଏଗୁଡିକ ଫୁସ୍ଫୁସ ମାଧମରେ



ଟିପ୍ପଣୀ

ଶୋଷିହୋଇ ଯାଆନ୍ତି ଓ ଜୀବକୁ ଅଚେତନ କରନ୍ତି । ନିଶ୍ଚେତକ ଗୁଡ଼ିକ ଅପରେସନକୁ କମ୍ ପୀଡାଦାୟକ ଓ କମ୍ ସଂକଟ ମୟ କରନ୍ତି । କିଛି ନିଶ୍ଚେତକକୁ ମୁହଁ ଦ୍ୱାରା ବା ଇଞ୍ଜେକସନ୍ ଦ୍ୱାରା ଦିଆଯାଏ । ମରଫିନ୍ ଓ ପେଥିଡିନ୍ (ଏହା ଅଫିମରୁ ମିଳୁଥିବା ଆଲ୍‌କାଲଏଡ୍) ଇଞ୍ଜେକ୍‌ସନ ଦ୍ୱାରା ବା ପାଟି ଦ୍ୱାରା ଦିଆଯାଏ ।

**7. ପ୍ରତିଜୀବାଣୁକ (Antimicrobials) :-**

ଶରୀରରେ ଜୀବାଣୁମାନଙ୍କ (ବାକ୍ଟେରିଆ, ଫଙ୍ଗସ୍ ଓ ଭାଇରସ୍) ସଂକ୍ରମଣ ଅନେକ ରୋଗ ଯୋଗୁ ହୋଇଥାଏ । ଜୀବାଣୁମାନଙ୍କ ଯୋଗୁ ହେଉଥିବା ରୋଗ ଗୁଡିକ ଆମାଶୟ, ନିମୋନୀଆ, ଟାଇଫଏଡ୍, ମୂତ୍ର - ମାର୍ଗ ସଂକ୍ରମଣ ଆଦି ।

ପ୍ରତିଜୀବାଣୁକ ଗୁଡ଼ିକ ଏପରି ରସାୟନିକ ପଦାର୍ଥ, ଯାହା ଜୀବାଣୁମାନଙ୍କୁ (ଯେ ଶରୀରରେ ସଂକ୍ରମଣ କରିଥାଏ) ନଷ୍ଟକରେ ଓ ରୋଗୀର ଶରୀରରେ ଅଧିକ କ୍ଷତି ଘଟାଏ ନାହିଁ ।

ଏଣୁ ପ୍ରତିଜୀବାଣୁକ ଏକ ରାସାୟନିକ ପଦାର୍ଥ ଯାହା ବିଭିନ୍ନ ଜୀବାଣୁ ଦ୍ୱାରା ହେଉଥିବା ରୋଗକୁ ଭଲ କରିବା ପାଇଁ ସକ୍ଷମ ।

ଏକ ଭଲ ପ୍ରତିଜୀବାଣୁକ ରୋଗ ସୃଷ୍ଟୀକାରୀ ଜୀବାଣୁକୁ ନଷ୍ଟ କରିବା ଉଚିତ୍ ଓ ଏହା ରୋଗୀର ଶରୀରରେ କିଛି ଖରାପ ପ୍ରଭାବ ପକାଇବା ଉଚିତ୍ ନୁହେଁ । ବାସ୍ତବରେ ଏପରି କୌଣସି ପ୍ରତିଜୀବାଣୁକ ନାହିଁ ଯିଏ ସଂପୂର୍ଣ୍ଣ ଭାବେ ନିରାପଦ ଓ ଯାହାର କିଛି କୁ ପ୍ରଭାବ ନାହିଁ ।

ସଲ୍‌ଫାଡ୍ରଗ ଓ ଆଣ୍ଟିବାଇଓଟିକ୍‌ସ ସାଧାରଣ ଭାବରେ ମିଳୁଥିବା ପ୍ରତିଜୀବାଣୁକ ।

**ସଲ୍‌ଫାଡ୍ରଗ୍‌ସ :-**

ସଲ୍‌ଫାଡ୍ରଗ୍, ଏକ ଶ୍ରେଣୀର ଡ୍ରଗ୍ ଯାହା ସଲଫାନିଲାମାଇଡରୁ ମିଳିଥାଏ । ସବୁ ସଲ୍‌ଫା ଡ୍ରଗ୍ ବିଜ୍ଞାନଗାରରେ ତିଆରି ହୁଅନ୍ତି । ସେମାନଙ୍କ ମଧ୍ୟରୁ କେତେକ ବିଭିନ୍ନ ବ୍ୟାକ୍ଟେରିଆ ଦ୍ୱାରା ହେଉଥିବା ରୋଗ ଚିକିତ୍ସାରେ ବହୁତ ଉପଯୋଗୀ । କେତେକ ମୁଖ୍ୟ ସଲଫାଡ୍ରଗ ଗୁଡ଼ିକ ସଲଫାନିଲାମାଇଡ୍, ସଲଫାଡିଆଜିନ୍ ଓ ସଲଫାଗୁଆନିଡ଼ିନ୍ ଇତ୍ୟାଦି ।




Sulphanilamide




Sulphadiazine

ସଲ୍‌ଫାଡ୍ରଗ୍ ନିମୋନିଆ ଓ କ୍ଷତ ଗଳାର ଚିକିତ୍ସା ପାଇଁ ବ୍ୟବହୃତ ହୁଏ । ଏମାନେ ଆଣ୍ଟିବାୟୋଟିକ୍ ଠାରୁ କମ୍ ଶକ୍ତିଶାଳୀ, ତେଣୁ ଆଜିକାଲି ଏହାର ବ୍ୟବହାର କମ୍ ଅଟେ ।

**ପ୍ରତିଜୈବିକୀ (ଆଣ୍ଟିବାୟୋଟିକ୍‌ସ୍ ) :-**

ଏମାନେ କିଛି ଜୀବାଣୁ ମାନଙ୍କ ଦ୍ୱାରା (ଫିମ୍ପି ବା କବକ) ପ୍ରସ୍ତୁତ **ଉପାପଚୟୀତ** (Metabolic) ପଦାର୍ଥ ଅଟନ୍ତି । ଏମାନେ ବ୍ୟାକ୍ଟେରିଆ ଓ କବକ ଇତ୍ୟାଦି ରୋଗ ସୃଷ୍ଟିକାରୀ ଜୀବାଣୁ ମାନଙ୍କର ଅଭିବୃଦ୍ଧିକୁ ଦମନ କରନ୍ତି ଓ ସେମାନଙ୍କର ଜୀବନ ପ୍ରକ୍ରିୟାକୁ ଦମନକରି ସେମାନଙ୍କୁ ମାରି ଦିଅନ୍ତି । ତେଣୁ ସେମାନଙ୍କୁ ଆଣ୍ଟିବାୟୋଟିକ୍ ('ଆଣ୍ଟି'ର ଅର୍ଥ ପ୍ରତି, ଓ ବାୟୋଟିକର ଅର୍ଥ ଜୀବନ) କୁହାଯାଏ ।



ଟିପ୍ପଣୀ

ପେନିସିଲିନ୍, ସର୍ବପ୍ରଥମ ଆବିଷ୍କୃତ ଆଣ୍ଟିବାୟୋଟିକ୍ସ ଅଟେ । ଆଲେକ୍‌ଜାଣ୍ଡର ଫ୍ଲେମିଂ 1929 ମସିହାରେ ପେନ୍‌ସିଲିନ୍‌କୁ ପେନିସିଲିୟମ୍ ନୋଟାଟମ୍ ନାମକ କବକରୁ ଅଲଗା କରିଥିଲେ । କେତେକ ବ୍ୟାକ୍ଟେରିଆ ଜନିତ ରୋଗର ଚିକିତ୍ସା ପାଇଁ ପେନିସିଲିନ୍ ବ୍ୟବହାର କରାଯାଏ । ଏହା ସଫଳତାର ସହ ନିମୋନିଆ, ବ୍ରୋଙ୍କାଇଟିସ୍, କ୍ଷତଗଳା ଓ ବଥ ଇତ୍ୟାଦିର ଚିକିତ୍ସାରେ ବ୍ୟବହୃତ ହୁଏ ।

ପରେ ପେନିସିଲିନ୍‌ର ଗୁଣାବତା ବଢାଇବା ପାଇଁ ଚେଷ୍ଟାକରାଗଲା ଓ ଏହା ବିଭିନ୍ନ ପ୍ରକାର ପେନିସିଲିନ୍‌ର ଗବେଷଣା ପାଇଁ ସହାୟକ ହେଲା । ଉଦାହରଣ ସ୍ୱରୂପ, ପେନିସିଲିନ୍ - G (ବେନ୍‌ଜାଇଲ୍ ପେନିସିଲିନ୍ ନାମରେ ଜଣାଶୁଣା), ପେନିସିଲିନ୍ - F, ପେନିସିଲିନ୍ - K ଗୁଡିକ ସାଧାରଣ ଶ୍ରେଣୀୟ ପେନିସିଲିନ୍ ।



**Penicillin G (benzyl penicilin)**

ଆମ୍ପିସିଲିନ୍ ଓ ଆମୋକ୍‌ସିସିଲିନ ପେନିସିଲିନ୍‌ର ଅର୍ଦ୍ଧ - ସଂଶ୍ଲେଷିତ ରୂପାନ୍ତରଣ ଅଟେ । ଏଠାରେ କବକ (Fungi) ରୁ ମିଳୁଥିବା ଉପାପଚୟୀ ପଦାର୍ଥରେ କେତେକ ପ୍ରତିକ୍ରିୟା କରାଯାଏ ଓ ଆଣ୍ଟିବାୟୋଟିକ୍ ଅଣୁରେ ଆବଶ୍ୟକ ଅନୁଯାୟୀ କିଛି ପରିବର୍ତ୍ତନ ଅଣାଯାଇ ଆମ୍ପିସିଲିନ ଓ ଆମୋକ୍‌ସିସିଲିନ୍ ପ୍ରସ୍ତୁତ କରାଯାଏ ।

ଉନ୍ନତମାନର ଆଣ୍ଟିବାୟୋଟିକ୍ସ୍ ତିଆରି ପାଇଁ ପ୍ରଚେଷ୍ଟା ଜାରି ରହିଛି । ଏହା ଏକ ଅନବରତ ପ୍ରଚେଷ୍ଟା । ଆଜିକାଲି ଅନେକ ପ୍ରକାର ଆଣ୍ଟିବାୟୋଟିକ୍ସ ମିଳୁଛି । ସେମାନଙ୍କ ମଧ୍ୟରୁ କେତେକ ହେଲା ଷ୍ଟ୍ରେପ୍‌ଟୋମାଇସିନ୍, କ୍ଲୋରୋମାଇସେଟିନ୍ (କ୍ଲୋରୋମାଫେନିକଲ) ଓ ଟେଟ୍ରାସାଇକ୍ଲିନ୍ ।



**Chloroamphenicol**

ଷ୍ଟ୍ରେପଟ୍ରୋମାଇସିନ ଯକ୍ଷ୍ମାର ଚିକିତ୍ସା ପାଇଁ ଓ କ୍ଲୋରୋମାଇସେଟିନ୍ ଟାଇଫଏଡ୍‌ର ଚିକିତ୍ସା ପାଇଁ ବ୍ୟବହୃତ ହୁଏ । ଟ୍ରେଟାସାଇକ୍ଲିନ୍‌କୁ ନାନାପ୍ରକାର ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ । ବିସ୍ତୃତ ପରିସରର ଆଣ୍ଟିବାୟୋଟିକ ଏହି ପ୍ରକାରର ଆଣ୍ଟିବାୟୋଟିକସ୍, ଯାହା ଅନେକ ପ୍ରକାର ରୋଗ ସୃଷ୍ଟିକାରୀ ଜୀବାଣୁ ମାନଙ୍କୁ ନଷ୍ଟକରିଦିଏ ।

ବିସ୍ତୃତ ପରିସର ଆଣ୍ଟିବାୟୋଟିକ୍ସ ନାନା ପ୍ରକାର ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ । ଉଦାହରଣ ସ୍ୱରୂପ ଷ୍ଟ୍ରେପ୍ଟୋମାଇସିନ୍, ଟେଟ୍ରାସାଇକ୍ଲିନ ଓ କ୍ଲୋରୋମାଫେନିକଲ ବିସ୍ତୃତ ପରିସର ଆଣ୍ଟିବାୟୋଟିକ୍ । ସଂକୀର୍ଣ୍ଣପରିସର ଆଣ୍ଟିବାୟୋଟିକସ୍ କିଛି ରୋଗର ଚିକିତ୍ସାରେ ଖୁବ୍ ପ୍ରଭାବଶାଳୀ ।

**ଆଣ୍ଟିବାୟୋଟିକ୍ସ (ପ୍ରତିଜୈବିକୀ)ର ଆଲର୍ଜି ସୃଷ୍ଟିକାରୀ ପ୍ରତିକ୍ରିୟା :-**

କିଛି ଲୋକ କିଛି ପ୍ରିତିଜୈବିକ ପ୍ରତି ଆଲର୍ଜି ସୃଷ୍ଟିକାରୀ ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି । ଏହି ପ୍ରତିକ୍ରିୟା ଚମ ଉପରେ ଫୋଟକା ସୃଷ୍ଟିକରେ ଓ ଏହା ମଧ ଜୀବନ ନେଇପାରେ । ତୁମେ ଦେଖିଥିବ ଯେ ଡାକ୍ତରମାନେ ପ୍ରଥମେ ଇଞ୍ଜେକସନ ଦ୍ୱାରା ଖୁବ୍ କମ୍ ମାତ୍ରାର ପ୍ରତିଜୈବିକ ଦେଇ କିଛି ସମୟ ଅପେକ୍ଷା କରନ୍ତି, ଦେଖିବାକୁ କାଳେ କିଛି ଅନିଚ୍ଛାକୃତ ପ୍ରତିକ୍ରିୟା ସୃଷ୍ଟି କରୁଛି କି ନାହିଁ ।

ଯଦି କିଛି ଖରାପ ପ୍ରତିକ୍ରିୟା ନହୁଏ ତେବେ ଡାକ୍ତରମାନେ ପ୍ରତି ଜୈବିକକୁ ପୂର୍ଣ୍ଣ ମାତ୍ରାରେ ରୋଗୀର ଶରୀର ମଧ୍ୟକୁ ଦିଅନ୍ତି ।

**ନିଦ୍ରାକାରୀ (Tranquiliser) ଓ ସମ୍ମୋହକ (Hypnotics) :-**

ନିଦ୍ରାକାରୀ ଓ ସମ୍ମୋହକ ବ୍ୟକ୍ତିର ଚିନ୍ତାଦୂର କରିବା ପାଇଁ ଓ ବ୍ୟକ୍ତିକୁ ଶାନ୍ତ କରିବା ପାଇଁ ବ୍ୟବହୃତ ହୋଇଥାଏ । ନିଦ୍ରାକାରୀ ଔଷଧ ଏକ ଯୌଗିକରୁ ତିଆରି । ଯେଉଁମାନଙ୍କ ମଧ୍ୟରୁ ଅନେକ ଅଭ୍ୟାସକାରୀ । ସେମାନଙ୍କର ଅନାବଶ୍ୟକ ଓ ଅଧିକ ଉପଯୋଗ ଠାରୁ ଦୂରେଇ ରହିବା ଉଚିତ୍, ନହେଲେ ଏହା ଆସକ୍ତି ଓ ଅନ୍ୟ ପ୍ରକାର ଜଟିଳତା ଆଡକୁ ଗତିକରିବ ।




Luminal




Seconal

ଲୁମିନାଲ, ସିକୋନାଲ ଓ ଇକ୍ୱାନିଲ୍ ଅଧିକ ମାତ୍ରାରେ ବ୍ୟବହୃତ ହେଉଥିବା ନିଦ୍ରାକାରୀ । ବାର୍‌ବିଚୁରିକ ଅମ୍ଳ ଓ ଏହାର ସମ୍ବନ୍ଧିତ କିଛି ଯୌଗିକ ନିଦ୍ରାକାରୀ ବଟିକା ତିଆରିରେ ବ୍ୟବହାର କରାଯାଆନ୍ତି ।




Barbituric acid




Equanil

**9. ଗର୍ଭ ନିରୋଧକ ଔଷଧ :-**

ଜନସଂଖ୍ୟା ନିୟନ୍ତ୍ରଣ ସମସ୍ତଙ୍କ ପାଇଁ ଚିନ୍ତାଜନକ ବିଷୟ ଅଟ । ଗର୍ଭଧାରଣକୁ ରୋକିବା ପାଇଁ ଔଷଧ ମିଳୁଛି । ଯେଉଁ ଔଷଧ ଗର୍ଭଧାରଣକୁ ରୋକିପାରେ ତାହାକୁ କନ୍‌ଟ୍ରାସେପଟିଭ ବା ଗର୍ଭନିରୋଧକ କୁହାଯାଏ । ସେଗୁଡିକ ସାଧାରଣତଃ ବଟିକା ଆକାରରେ ମିଳନ୍ତି ଓ ସେଗୁଡିକୁ ସ୍ତ୍ରୀଲୋକମାନେ ନିୟମିତ ଖାଆନ୍ତି । ନୋରେଥିନ୍‌ଡ୍ରୋନ୍ ଓ ମେସ୍ଟ୍ରାନଲ୍ ପରି ରାସାୟନିକ ପଦାର୍ଥକୁ ଗର୍ଭନିରୋଧକ ବଟିକା ଆକାରରେ ବ୍ୟବହାର କରାଯାଏ ।

ରାସାୟନ ବିଜ୍ଞାନ ଅନୁସାରେ ଏଗୁଡିକ ସ୍ତ୍ରୀ ମାନଙ୍କର ଯୌନହରମୋନ୍ ।




Norethindrone




Mestranol

କେତେକ କ୍ଷେତ୍ରରେ ଗର୍ଭନିରୋଧକ ବଟିକାର କୁପ୍ରଭାବ ମଧ ପଡିଥାଏ । ତେଣୁ ଗର୍ଭନିରୋଧକ ବଟିକାକୁ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଖାଇବା ଉଚିତ୍ ।

## 35.3. ସ୍ୱଔଷଧି କରଣର କୁ ପ୍ରଭାବ

ଯେତେବେଳେ ରୋଗୀ ଡାକ୍ତରଙ୍କ ବିନାପରାମର୍ଶରେ ଔଷଧ ସେବନ କରେ, ଏହାକୁ ସ୍ୱ ଔଷଧିକରଣ କୁହାଯାଏ ।



ଟିପ୍ପଣୀ

ସ୍ୱଔଷଧିକରଣ ଅତ୍ୟନ୍ତ ହାନିକାରକ ଓ କ୍ଷତିକାରକ ଅଭ୍ୟାସ । ଜଣେ ଏହା କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । କେତେକ ହାନିକାରକ ପ୍ରଭାବ ଗୁଡିକ :

1. ଗୋଟିଏ ଔଷଧ, ଯେକି ଗୋଟିଏ ବ୍ୟକ୍ତି ପାଇଁ କାମକରେ, ତାହା ଅନ୍ୟ ବ୍ୟକ୍ତି ପାଇଁ ଭଲ ହୋଇ ନପାରେ ଓ ତାହା ମଧ କିଛି କ୍ଷତି ଘଟାଇପାରେ ।

2. ତୁମେ ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ଔଷଧ ଖାଇଲେ, ତାହା ତୁମପାଇଁ ହାନିକାରକ ହୋଇପାରେ ।

3. ତୁମେ ମାତ୍ରାଠାରୁ କମ୍ ଔଷଧ ମଧ ଖାଇପାର । ରୋଗ ସୃଷ୍ଟିକାରୀ ଜୀବାଣୁମାନେ ଏହାଦ୍ୱାରା ଔଷଧର ପ୍ରତିରୋଧି ହୋଇଯାଆନ୍ତି ଓ ଔଷଧର ପ୍ରଭାବ ପଡେ ନାହିଁ ।

ଏଥିପାଇଁ ତୁମେ ସ୍ୱଔଷଧିକରଣ ତ୍ୟାଗ କରିବା ଉଚିତ୍ । ଡାକ୍ତରଙ୍କ ବିନା ପରାମର୍ଶରେ ଦୀର୍ଘ ସମୟ ଧରି ସାଧାରଣ ଔଷଧ ମଧ ବ୍ୟବହାର କରିବା ଉଚିତ ନୁହେଁ । ସାଧାରଣ ଔଷଧ ଯାହା ଡାକ୍ତରଙ୍କ ବିନା ପରାମର୍ଶରେ ମିଳେ, ଏହାର ଅନୁପଯୁକ୍ତ ପ୍ରୟୋଗ ମଧ ହାନିକାରକ ହୋଇପାରେ । ତୁମେ ଯେଉଁ ଔଷଧ ଡାକ୍ତରଙ୍କ ବିନା ପ୍ରେସକ୍ରିପସନରେ ଦୋକାନରୁ ଖରୀଦକର, ସେଗୁଡିକୁ କାଉଣ୍ଟରରୁ ମିଳୁଥିବା ଔଷଧ କୁହାଯାଏ । ଉଦାହରଣ ସ୍ୱରୂପ କଫ୍‌ସିରପ୍, କ୍ରୋସିନ୍, ଆସ୍‌ପିରିନ ଇତ୍ୟାଦି କାଉଣ୍ଟରରୁ ମିଳୁଥିବା ଔଷଧ ।

ଅଭିଜ୍ଞ ଡାକ୍ତରଙ୍କ ପ୍ରେସକ୍ରିପସନ ଦେଖାଇ ଯେଉଁ ଔଷଧ ତୁମେ ଦୋକାନରୁ ଖରିଦ କର, ତାହାକୁ ନିର୍ଦ୍ଧାରିତ ଔଷଧ କୁହାଯାଏ । ନିର୍ଦ୍ଧାରିତ ଔଷଧର ଅପପ୍ରୟୋଗ ଅନେକ ହାନିକାରକ ସମସ୍ୟା ସୃଷ୍ଟିକରେ । ତେଣୁ ସେମାନଙ୍କର ବିକ୍ରୀ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଓ ନିୟମିତ ହୁଏ ।

ଅନେକ ଔଷଧ ବିକ୍ରେତା ବିନା ପ୍ରେସକ୍ରିପସନ୍‌ରେ ନିର୍ଦ୍ଧାରିତ ଔଷଧ ବିକ୍ରୀ କରନ୍ତି ନାହିଁ । କେତେକ ଦାୟିତ୍ୱହୀନ ବିକ୍ରେତା ବିନାପ୍ରେସକ୍ରିପ୍‌ସନରେ ଏହି ଔଷଧ ବିକ୍ରୀ କରନ୍ତି । ଏହା ଏକ ଭଲ ଅଭ୍ୟାସ ନୁହେଁ, ତେଣୁ ତୁମେ ଏହାକୁ ଉତ୍ସାହିତ କରିବା ଉଚିତ ନୁହେଁ ।

## 35.4. ବୈକଳ୍ପିକ ଔଷଧ ପଦ୍ଧତି

ଏଲୋପାଥିକ ଔଷଧ ପଦ୍ଧତିରେ ମୂଖ୍ୟତଃ ରାସାୟନିକ ପଦାର୍ଥ ଗୁଡିକୁ ଔଷଧ ଆକାରରେ ବ୍ୟବହାର କରାଯାଏ । ଅନେକ ବର୍ଷଧରି ପ୍ରାଣୀ ଓ ମନୁଷ୍ୟ ଉପରେ ପରୀକ୍ଷା ନିରୀକ୍ଷା ପରେ ଏଲୋପାଥିକ ଔଷଧ ବଜାରକୁ ଆସେ । ଏହାର ପ୍ରଭାବ, କୁ ପ୍ରଭାବ, କାର୍ଯ୍ୟ କ୍ଷମତା, ଆବଶ୍ୟକ ଅନୁଯାୟୀ ମାତ୍ରା ଆଦି ବୈଜ୍ଞାନିକ ପଦ୍ଧତିରେ ଭଲଭାବରେ ବିଚାର କଲା ପରେ ବଜାରରେ ବିକ୍ରୀ କରାଯାଏ । ସାରା ପୃଥିବୀରେ ସରକାର ଏହାର ଉତ୍ପାଦନ, ଗୁଣବତା ନିୟନ୍ତ୍ରଣ ଓ ବିକ୍ରୟ ଆଦି ଉପରେ ନିୟମ କାନୁନ ଓ ବିଧି ବିଧାନ ବ୍ୟବସ୍ଥା ଜନତାଙ୍କ ସୁରକ୍ଷା ପାଇଁ ଲାଗୁ କରନ୍ତି । ଏଲୋପାଥିକ ପଦ୍ଧତି, ଔଷଧର ପାଶ୍ଚାତ୍ୟ ବା ଇଂରେଜ ପଦ୍ଧତି ନାମରେ ଜଣାଶୁଣା ।

ପୃଥିବୀର ବିଭିନ୍ନ ଭାଗରେ ଏଲୋପାଥିକ ପଦ୍ଧତି ସହିତ ଔଷଧର ଅନେକ ପଦ୍ଧତି ମଧ ପ୍ରୟୋଗ କରାଯାଏ । ସେମାନଙ୍କ ମଧରେ ଆୟୁର୍ବେଦିକ, ୟୁନାନୀ, ହୋମିଓପାଥିକ, ଚାଇନିଜ୍, ତିବେତୀୟ, ପ୍ରଚଳିତ ଆଦିବାସୀ ଓ ପାରମ୍ପାରିକ ଇତ୍ୟାଦି । ଏମାନଙ୍କ ମଧରୁ କେତେକ ପଦ୍ଧତି ପୃଥିବୀର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଖୁବ୍ ଲୋକପ୍ରିୟ । କେତେକ ଖୁବ୍ ଛୋଟ ସ୍ଥାନରେ ସିମୀତ ବା ଖୁବ୍ କମ୍ ଲୋକମାନଙ୍କ ଦ୍ୱାରା ବ୍ୟବହୃତ । କେତେକ କ୍ଷେତ୍ରରେ ଚିକିତ୍ସା ପଦ୍ଧତିର କିଛି ଲିଖିତ ରେକର୍ଡ ନାହିଁ ଓ ଏହି ଜ୍ଞାନ ଗୋଟିଏ ମୁଖରୁ ଆଉ ଗୋଟିଏ ମୁଖକୁ ବଂଶାନୁକ୍ରମେ ଗଡ଼ିଆସିଛି । ଏହାର ଅନେକ ପଦ୍ଧତି ବହୁତ ଲୋକମାନଙ୍କ ମଧରେ ଲୋକପ୍ରିୟ ନୁହେଁ । ଏହି ପଦ୍ଧତି ସମ୍ବନ୍ଧରେ ଉଚିତ୍ ଜ୍ଞାନ ବା ବୈକଳ୍ପିକ ଔଷଧ ପଦ୍ଧତି ବିଷୟରେ ପର୍ଯ୍ୟାପ୍ତ ଅଧ୍ୟୟନର ଅଭାବ ଏହାର କାରଣ ହୋଇପାରେ । ତେଣୁ ମନୁଷ୍ୟ ସମାଜର ମଙ୍ଗଳ ପାଇଁ ଜ୍ଞାନକୁ ଉତ୍ତମ ଭାବରେ ବ୍ୟବହାର କରି ସବୁ ପ୍ରକାର ଔଷଧ ପଦ୍ଧତିମାନଙ୍କ ବିଷୟରେ ପର୍ଯ୍ୟାପ୍ତ ଅଧ୍ୟୟନର ଜରୁରୀ ଆବଶ୍ୟକତା ଅଛି ।

## ପାଠଗତ ପ୍ରଶ୍ନ : 35.3

1. ନିଦ୍ରାକାରୀ ଓ ସମ୍ମୋହକର ବ୍ୟବହାର କ'ଣ ?

_______________________________________________

2. ନିଦ୍ରାକାରୀର ଏକ ଉଦାହରଣ ଦିଅ ।

_______________________________________________

3. ଗର୍ଭନିରୋଧକ ଗୁଡ଼ିକ କ'ଣ ?

_______________________________________________

4. କାଉଣ୍ଟରରେ ମିଳୁଥିବା ଔଷଧ କ'ଣ ଅଟେ ?

_______________________________________________

## ତୁମେ କ'ଣ ଶିଖିଲ

- ଔଷଧ ଗୁଡିକ ରାସାୟନିକ ପଦାର୍ଥ ବା ରାସାୟନିକ ପଦାର୍ଥର ମିଶ୍ରଣ ଯାହା ରୋଗ ଓ ଅନିୟମିତତାକୁ ପରିଚାଳନା କରେ, ରୋଗ ପ୍ରତିରୋଧ କରେ, ରୋଗୀକୁ ରୋଗ ମୁକ୍ତକରେ ଓ ରୋଗର ଚିକିତ୍ସାରେ ସାହାଯ୍ୟ କରେ ।
- ଔଷଧ ବୃକ୍ଷ ବା ବୃକ୍ଷର କିଛି ଅଂଶରୁ ମିଳେ ବା ବିଜ୍ଞାନାଗାରରେ ତିଆରି ହୁଏ ।
- ଔଷଧରେ ଗୋଟିଏ ରାସାୟନିକ ଯୌଗିକ ଥାଏ ବା ନାନାପ୍ରକାର ରାସାୟନିକ ଯୌଗିକ ଥାଏ ।
- ଭେଷଜ ଏକ କଚ୍ଚା ମିଶ୍ରଣ ଅଟେ, ସେଥିରେ ଥିବା ସବୁ ରାସାୟନିକ ଉପାଦାନ ଜଣାନଥାଏ ଓ ସେଥିରେ ସେମାନଙ୍କର ମାତ୍ରା ଠିକ୍‌ଭାବେ ଜଣାନଥାଏ ।
- ଆସ୍ପିରିନ୍ ଓ ପାରାସିଟାମଲ ପରି ଜ୍ୱରନାଶୀ ଶରୀରର ତାପମାତ୍ରା ହ୍ରାସ କରାଏ ।
- ଆସ୍ପିରିନ ଓ ମରଫିନ୍ ପରି ପିଡାହାରୀ ଶରୀରର ପୀଡା କମ୍ କରନ୍ତି ।
- ପୂତିରୋଧୀ ଜୀବାଣୁମାନଙ୍କୁ ନଷ୍ଟକରି ଦିଅନ୍ତି ଓ ଜୀବନ୍ତ ପେଶୀ ଉପରେ ଏହାର ବ୍ୟବହାର ନିରାପଦ ଅଟେ, କିନ୍ତୁ ରୋଗାଣୁ ନାଶକ ନିର୍ଜିବ ପଦାର୍ଥ ଉପରେ ବ୍ୟବହାର କରାଯାଏ ।
- ଫିନଲର ଜଳୀୟ ଦ୍ରବଣ (0.2% ରୁ କମ୍) ପୂତିରୋଧୀ ଆକାରରେ ବ୍ୟବହାର କରାଯାଏ ଓ ଉଚ୍ଚ ସାନ୍ଦ୍ରତାରେ ଫିନଲକୁ ରୋଗାଣୁ ନାଶକ ଆକାରରେ ବ୍ୟବହାର କରାଯାଏ ।
- ପ୍ରତି ଜୈବିକୀ କିଛି ଜୀବାଣୁ ମାନଙ୍କ ଦ୍ୱାରା ଉତ୍ପାଦିତ ଉପାପଚୟୀତ ପଦାର୍ଥ ଅଟେ ଯାହା କେତେକ ଜୀବାଣୁ ମାନଙ୍କୁ ନଷ୍ଟକରେ । ଉଦାହରଣ ସ୍ୱରୂପ - ପେନିସିଲିନ୍, ଷ୍ଟ୍ରେପ୍ଟୋମାଇସିନ୍, ଟ୍ରେଟାସାଇକ୍ଲିନ୍ ଇତ୍ୟାଦି ।
- ବିସ୍ତୃତ ପରିସରର ପ୍ରତିଜୈବିକୀ ବିଭିନ୍ନ ପ୍ରକାରର ଜୀବାଣୁଙ୍କୁ ନଷ୍ଟ କରି ଦିଅନ୍ତି ତେଣୁ ସେମାନେ ଅନେକ ରୋଗ ଭଲ କରିପାରନ୍ତି ।
- ସ୍ଥାନିକ ନିଶ୍ଚେତ୍ ଏକ ଛୋଟ ଅଞ୍ଚଳକୁ କାଲୁଆ କରେ ବା ଚେତନାଶୂନ୍ୟ କରେ । ସାଧାରଣ ନିଶ୍ଚେତକ ସଂପୂର୍ଣ୍ଣ ଶରୀରକୁ ଅଚେତ କରେ ।
- ଅଭିଜ୍ଞ ଡାକ୍ତରଙ୍କ ବିନା ପରାମର୍ଶରେ ବ୍ୟବହାର କରାଯାଉଥିବା ଔଷଧକୁ ସ୍ୱଔଷଧୀ କରଣ କୁହାଯାଏ । ଏହା ରୋଗୀପ୍ରତି ଅତ୍ୟନ୍ତ ହାନିକାରକ ।
- ଏଲୋପାଥିକ ଔଷଧ ପଦ୍ଧତି ସହିତ ଅନ୍ୟ କେତେକ ବୈକଳ୍ପିକ ଔଷଧ ପଦ୍ଧତି ମଧ୍ୟ ଅଛି । ଆୟୁର୍ବେଦିକ, ୟୁନାନୀ, ହୋମିଓପାଥିକ, ଚାଇନିଜ୍, ତୀବତୀୟ, ଗତାନୁଗତିକ, ପ୍ରଚଳିତ ଆଦିବାସୀ, ପରମ୍ପରାଗତ ଇତ୍ୟାଦି ଅନ୍ୟାନ୍ୟ ପଦ୍ଧତିର ଉଦାହରଣ ।



ଟିପ୍ପଣୀ

## ପାଠ୍ୟାନ୍ତ ପ୍ରଶ୍ନ

1. ଔଷଧର ଶ୍ରେଣୀ କରଣ କିପରି ହୁଏ ?
2. ପ୍ରଥମ ପ୍ରତି ଜୈବକୀକୁ କିଏ ଅଲଗା କରିଥିଲେ ?
3. ଗୋଟିଏ ଔଷଧର ନାମ ଲେଖ, ଯାହାକୁ ପୀଡାନାଶୀ ଓ ଜ୍ୱରନାଶୀ ଆକାରରେ ବ୍ୟବହାର କରାଯାଏ ।
4. ଅସ୍ୱାପକ ପିଡାହାରୀ କ'ଣ ?
5. 2% ଜଳୀୟ ଫିନଲ ଦ୍ରବଣ କାହିଁକି ପ୍ରତିରୋଧି ଆକାରରେ ବ୍ୟବହାର କରାଯାଏ ?
6. ପ୍ରତିଜୈବିକାର ଆଲର୍ଜି ସୃଷ୍ଟିକାରୀ ପ୍ରତିକ୍ରିୟା କହିଲେ କ'ଣ ବୁଝ ?
7. ନିର୍ଦ୍ଧାରିତ ଭେଷଜ ଗୁଡିକ କ'ଣ ?
8. ଡାକ୍ତରଙ୍କ ବିନାପରାମର୍ଶରେ କେଉଁ ଔଷଧ ତୁମେ କିଣି ପାରିବ ?
9. ସ୍ୱ ଔଷଧିକରଣ କ'ଣ ? ଏହାର କେତେକ କୁ ପ୍ରଭାବ ବର୍ଣ୍ଣନାକର ।
10. ବୈକଳ୍ପିକ ଔଷଧ ପଦ୍ଧତି ଗୁଡିକ କ'ଣ ?

## ପାଠଗତ ପ୍ରଶ୍ନର ଉତ୍ତର

**35.1**

1. ଯେଉଁ ରାସାୟନିକ, ରୋଗ ଚିକିତ୍ସାରେ ବ୍ୟବହୃତ ହୁଏ, ରୋଗ ପ୍ରତିରୋଧକରେ, ରୋଗୀକୁ ରୋଗମୁକ୍ତ କରେ ଓ ତାହାକୁ ଔଷଧ କୁହାଯାଏ ।
2. ସତ୍ୟ ଅଟେ ।
3. ଯେଉଁ ରାସାୟନିକ ପଦାର୍ଥକୁ ଔଷଧ ରୂପେ ବ୍ୟବହାର କରାଯାଏ ତାହାକୁ ଫାରମାସିଉଟିକାଲ କୁହାଯାଏ ।
4. ରିସରପିନ

**35.2.**

1. ଆସ୍ପିରିନ୍ ଓ ପାରାସିଟାମଲ୍
2. ମର୍ଫିନ୍
3. ରୋଗାଣୁ ନାଶକ ଜୀବାଣୁ ମାନଙ୍କୁ ନଷ୍ଟ କରିଦିଅନ୍ତି କିନ୍ତୁ ଜୀବିତ ପେଶୀ ପ୍ରତି ହାନିକାରକ । ଜୀବାଣୁ ନାଶକ ଜୀବାଣୁ ମାନଙ୍କୁ ନଷ୍ଟକରନ୍ତି କିନ୍ତୁ ଜୀବିତ ପେଶୀ ପ୍ରତି ହାନିକାରକ ନୁହନ୍ତି ।
4. ପାକସ୍ଥଳୀରେ ଅଧିକ ଅମ୍ଳକୁ କମାଇବା ଔଷଧ । ମ୍ୟାଗ୍ନେସିୟମ୍ ହାଇଡ୍ରୋକ୍ସାଇଡ୍ ଓ ସୋଡିୟମ୍ ବାଇକାର୍ବୋନେଟ ।
5. ସ୍ଥାନିକ ନିଶ୍ଚେତକ ଛୋଟ ଅଞ୍ଚଳ ଚେତନାଶୂନ୍ୟ କରି ଯନ୍ତ୍ରଣା ଉପଶମ କରେ କିନ୍ତୁ ସାଧାରଣ ନିଶ୍ଚେତକ ଅଚେତ କରାଏ ।
6. କିଛି ଜୀବାଣୁ ମାନଙ୍କ ଦ୍ୱାରା ଉପାପଚୟୀତ ଉତ୍ପାଦ, ଯାହା ଅନ୍ୟଜୀବାଣୁ ମାନଙ୍କୁ ନଷ୍ଟ କରିଦିଏ । ପେନିସିଲିନ୍ ପ୍ରତିଜୈବିକୀ ଉଦାହରଣ ।

**35.3.**

1. ନିଦ୍ରାକାରୀ ଓ ସମ୍ମୋହକ ବ୍ୟକ୍ତିର ଚିନ୍ତାକୁ କମାଇ ମନ ଶାନ୍ତ କରାଏ ।
2. ଲୁମିନାଲ
3. ଗର୍ଭଧାରଣକୁ ପ୍ରତିରୋଧ କରୁଥିବା ଔଷଧକୁ ଗର୍ଭନିରୋଧକ (Contraceptive) କୁହାଯାଏ ।
4. ଡାକ୍ତରଙ୍କ ବିନା ପ୍ରେସକ୍ରିପସନରେ ଯେଉଁ ଔଷଧ ଦୋକାନରୁ କିଣାଯାଏ ତାହାକୁ କାଉଣ୍ଟରରେ ମିଳିବା ଔଷଧ କୁହାଯାଏ ।